# କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ରମାକାନ୍ତ ରଥଙ୍କୁ ସ୍ମୃତି ଅର୍ଘ୍ୟ

ଭୁବନେଶ୍ୱର, ୯ ।୪ (ସମିସ): କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ନୂଆଦିଲ୍ଲୀ ରବୀନ୍ଦ୍ର ଭବନ ସ୍ଥିତ କାର୍ଯ୍ୟାଳୟରେ ପ୍ରଖ୍ୟାତ ଓଡ଼ିଆ କବି ପଦ୍ମଭୂଷଣ ରମାକାନ୍ତ ରଥଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଏହି ଅବସରରେ ସ୍ୱର୍ଗତ ରମାକାନ୍ତ ରଥଙ୍କ କନ୍ୟା ଶ୍ୟାମା ଯୋଗ ଦେଇ ସ୍ୱର୍ଗତ ପିତାଙ୍କ ସ୍ମୃତିଚାରଣ କରିଥିଲେ। ରମାକାନ୍ତ ରଥଙ୍କ ଝିଅ ଭାବରେ ମୁଁ ନିଜକୁ ବେଶ୍ ଗୌରବାନ୍ୱିତ ମନେକରୁଛି ବୋଲି ସେ କହିଥିଲେ। ଆଭାସୀ ମାଧ୍ୟମରେ ଯୋଗ ଦେଇ ବିଶିଷ୍ଟ ଲେଖକ ଶାନ୍ତନୁ କୁମାର ଆଚାର୍ଯ୍ୟ ସ୍ୱର୍ଗତ ରଥଙ୍କ କଲେଜ ଜୀବନ ଓ ସାହିତ୍ୟ କୃତି ସମ୍ପର୍କରେ ଆଲୋଚନା କରିଥିଲେ। ସାହିତ୍ୟ ଏକାଡେମୀର ଇଂରାଜୀ ପରାମର୍ଶଦାତା ବୋର୍ଡର ସଂଯୋଜକ ପ୍ରଫେସର ମାଲାଶ୍ରୀ ଲାଲ ଇଂରାଜୀ ସାହିତ୍ୟ ଜଗତ ତାଙ୍କ ପ୍ରତି ବହୁତ ଋଣୀ ବୋଲି ଉଲ୍ଲେଖ କରି ଶ୍ରୀରାଧାର କେତେକ ପଂକ୍ତି ପାଠ କରିଥିଲେ। ଡକ୍ଟର ସୁକୃତା ପାଲ କୁମାର ରାଧାଙ୍କୁ ଦେବୀ ନୁହେଁ ମାନବୀ ରୂପେ ଚିତ୍ରଣ କରିଥିବା ମତବ୍ୟକ୍ତ କରିଥିଲେ।




ପ୍ରଫେସର ଯତୀନ୍ଦ୍ର କୁମାର ନାୟକ ଶ୍ରୀରାଧା ଅନୁବାଦ କରିବା ସମୟର ଅନୁଭୂତି ବାଣ୍ଟିଥିଲେ ଓ ପାରମିତା ଶତପଥୀ ସ୍ୱର୍ଗତ ରମାକାନ୍ତ ରଥଙ୍କ କବିତାର କେତେକ ପଂକ୍ତି ପାଠ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଫେସର ସୁମନ୍ୟୁ ଶତପଥୀ ଶ୍ରୀରାଧା ପ୍ରକାଶନର ଆଠ ବର୍ଷ ପରେ ଶ୍ରୀ ପଳାତକ କିପରି ପ୍ରକାଶିତ ହୋଇଥିଲା ଏବଂ ଏହା ଶ୍ରୀରାଧାଙ୍କୁ କିପରି ପରିପୂରକ କରିଥିଲା ସେ ବିଷୟରେ ଆଲୋଚନା କରିଥିଲେ। ଜିତେନ୍ଦ୍ର ନାଥ ମିଶ୍ର ସ୍ୱର୍ଗତ ଲେଖକଙ୍କ କବିତା ସଂକଳନ ସପ୍ତମ ଋତୁ ଉପରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ସାହିତ୍ୟ ଏକାଡେମୀର ସଚିବ ଡକ୍ଟର କେ. ଶ୍ରୀନିବାସରାଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଖ୍ୟାତ ଲେଖିକା ପ୍ରତିଭା ରାୟ ପଠାଇଥିବା ଶୋକ ବାର୍ତ୍ତା ପାଠ କରାଯାଇଥିଲା। ଶେଷରେ ସାହିତ୍ୟ ଏକାଡେମୀର ସଭାପତି ଡକ୍ଟର ମାଧବ କୌଶିକ ସଭାପତୀୟ ଅଭିଭାଷଣରେ ରମାକାନ୍ତ ରଥ ଶ୍ରୀରାଧାଙ୍କ ରୂପରେ ଏକ ଭୌତିକ ପଥ ପ୍ରସ୍ତୁତ କରିଥିଲେ ବୋଲି ଉଲ୍ଲେଖ କରି ପାଠକଙ୍କୁ ମୃତ୍ୟୁ ଭୟରୁ ରମାକାନ୍ତ ମୁକ୍ତି ଦେଇଥିଲେ ବୋଲି ମତବ୍ୟକ୍ତ କରିଥିଲେ।